# ତହସିଲ କାର୍ଯ୍ୟାଳୟ, ସଦର କଟକ

## <u>ସର୍ବସାଧାରଣ ନୋଟିସ୍</u>

ଅଣ ସଂରକ୍ଷଣ ବିବିଧ ମାମଲା ସଂଖ୍ୟା **52/2026**

Alienation ମାମଲା **20(R)/2025** ରୁ

ଏତଦ୍ଵାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ମଣ୍ଡଳ ଶିକ୍ଷା ଅଧିକାରୀ, କଟକ ଙ୍କ ଆବେଦନ ଅନୁସାରେ ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ବିଦ୍ୟାଳୟ ଏବଂ ଗଣ ଶିକ୍ଷା ବିଭାଗ ମାର୍ଫତ ଆୟତପୁର ଶାସନ ପ୍ରାଥମିକ ବିଦ୍ୟାଳୟ ନାମରେ Alienation ମାଧମରେ ପଟ୍ଟା ସଂଶୋଧନ ପାଇଁ ପ୍ରସ୍ତାବ ରଖାଯାଇଅଛି। ଉକ୍ତ ଜମି ସର୍ବସାଧାରଣ ଖାତା ଅନ୍ତର୍ଭୁକ୍ତ ଅଟେ, ଏଣୁ ଏହାର ଅଣ ସଂରକ୍ଷଣ ର ଆବଶ୍ୟକତା ଅଛି।

### <u>ତଫସିଲ</u>

ମୌଜା– ଆୟତପୁର, ଥାନା – କଟକ ସଦର, ନମ୍ବର -୯୩,

ଖାତା ନଂ- ୪୮୭(ସର୍ବସାଧାରଣ)

| ଖସଡା ନଂ | ରକବା (ଏକର ରେ) | କିସମ |
|---|---|---|
| ୭୬୦ | ୦.୧୦୦ | ଘରବାରି |

ଏଣୁ ଉକ୍ତ ଅଣ ସଂରକ୍ଷଣ ପ୍ରସ୍ତାବ ମଞ୍ଜୁରୀ ସମ୍ବନ୍ଧେ ଯଦି କାହାରି କିଛି ଆପତ୍ତି ଅଭିଯୋଗ କରିବାର ଥାଏ, ତାହେଲେ ସେ Rule 5(5) of OGLS Act 1983 ଅନୁଯାୟୀ ନୋଟିସ୍ ଜାରି ଦିବସ ଠାରୁ ୧୫ ଦିନ ମଧ୍ୟରେ ୨୦ ଟଙ୍କା ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ଵାକ୍ଷରକାରୀଙ୍କ ଇଜିଲାସରେ ଲିଖିତଭାବେ ଜଣାଇବେ । ନିର୍ଦ୍ଧାରିତ ସମୟ ଗତେ କାହାରି କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ ।

06/05/26

**ତହସିଲଦାର, ସଦର କଟକ**

ଜ୍ଞାପକ ସଂଖ୍ୟା 7578 / ତା 06/05/2026

ଏହାର ଏକତିତା ନକଲ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଓ ଆଉ ଏକତିତା ନକଲ ଆର.ଆଇ, କନ୍ଦରପୁର ଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମିତ୍ତ ପ୍ରକାଶିତ ହେଲା ।

**ତହସିଲଦାର, ସଦର କଟକ**

ଜ୍ଞାପକ ସଂଖ୍ୟା 7579 / ତା 06/02/2026

ଏହାର ଏକକିତା ନକଲ ସମ୍ପୃକ୍ତ ସରପଞ୍ଚ ଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଗଲା ।

ତହସିଲଦାର, ସଦର କଟକ

ଜ୍ଞାପକ ସଂଖ୍ୟା 7580 / ତା 06/02/2026

ଏହାର ଏକତିତା ନକଲ DeGM, Collectorate, Cuttack ଗୋଚରାର୍ଥେ ତଥା ତାଙ୍କୁ ଏହି ସର୍ବସାଧାରଣ ନୋଟିସ୍ ଟିକୁ କଟକ ଜିଲ୍ଲା ୱେବସାଇଟ ର ନୋଟିସ୍ ରେ ସର୍ବସାଧାରଣ ଙ୍କ ଅବଗତି ନିମିତ୍ତ ପ୍ରକଶ କରିବା ନିମନ୍ତେ ପଠାଗଲା ।

| Caption in English | Caption in Odia |
|---|---|
| Proclamation Notice on DR Misc Case No. 52/2026 arising out of Alienation Case No 20(R)/2025 of Cuttack Sadar Tahasil | କଟକ ସଦର ତହସିଲ ର Alienation ମାମଲା ସଂଖ୍ୟା 20(R)/2025 ରୁ ଜାତ ଅଣ ସଂରକ୍ଷଣ ବିବିଧ ମାମଲା ସଂଖ୍ୟା ୫୨/୨୦୨୬ ପାଇଁ ସର୍ବସାଧାରଣ ନୋଟିସ୍ |

Date of last visibility- 25.05.2026

ତହସିଲଦାର, ସଦର କଟକ